ଅଜିତ ସିଂ ଏବଂ ଅନ୍ୟମାନେ

ବନାମ

ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ

ଡିସେମ୍ବର 8,1999

[ଡ. ଏ.ଏସ୍. ଆନନ୍ଦ, ମୁଖ୍ୟ ବିଚାରପତି, ଏସ୍. ବି. ମଜମୁଦାର, ଜି.ବି.ପଟ୍ଟନାୟକ ଏସ୍.ପି.କୁର୍ଦୁକର୍ ଏବଂ ଏମ୍. ଜଗନ୍ନାଧ ରାଓ, ନ୍ୟାୟମୂର୍ତ୍ତିଦ୍ଵୟ ]

*ଭାରତର ସମ୍ବିଧାନ, 1950:*

*ଧାରା 16 (4)-ସାର୍ବଜନୀନ ନିଯୁକ୍ତି-ପଛୁଆ ବର୍ଗ ନାଗରିକଙ୍କ ପାଇଁ ସଂରକ୍ଷଣ ପାଇଁ ବ୍ୟବସ୍ଥା କରିବାର ରାଜ୍ୟର କ୍ଷମତା- ଦର୍ଶାଯାଇଛି ଧାରା 16 (4) କେବଳ ଏକ ସକ୍ଷମ ବ୍ୟବସ୍ଥା ।*

ଅଜିତ ସିଂହ II ବନାମ ପଞ୍ଜାବ ରାଜ୍ୟ, **[1997]7SCC 209, ପୁନର୍ବାର ଦୋହରାଇଥିଲେ।**

*ଇନ୍ଦିରା ସାହନୀ ବନାମ ଭାରତ ସଂଘ,* **[1992] Suppl. 2 SCR 454;** *ଏମ୍. ଆର୍. ବାଲାଜୀ ଡି. ବନାମ ମହୀଶୂର ରାଜ୍ୟ,* **[1963] Suppl. 1 SCR 439**; *ସି. ଏ. ରାଜେନ୍ଦ୍ରନ ବନାମ ଭାରତ ସଂଘ,* **[1968] 1 SCR 721**; *ପି ଆଣ୍ଡ ଟି ଅନୁସୂଚିତ ଜାତି/ ଜନଜାତି କର୍ମଚାରୀ କଲ୍ୟାଣ ସଂଘ (ପଞ୍ଜୀକୃତ) ବନାମ ଭାରତ ସଂଘ,* **[1998] 4 SCC 147** *ଏବଂ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ବନାମ ଅନୁସୂଚିତ ଜାତି/ଜନଜାତି କର୍ମଚାରୀ କଲ୍ୟାଣ ସଂଘ,* **1996 4 SCC 119**, *ଭରସା କରାଯାଇଛି ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର :ସମୀକ୍ଷା ଆବେଦନ (ଦେୱାନୀ) ସଂଖ୍ୟା 1504-1506/1999

ଏଥିରେ

ଆଇ.ଏ ସଂଖ୍ୟା 1-3/1997

ଏଥିରେ

ଦେୱାନୀ ଆବେଦନ ସଂଖ୍ୟା 3792-3794/1989

ସି.ଡବ୍ଲ୍ୟୁ.ପି. ସଂଖ୍ୟା 2190/88 ,7860-7861 /1987 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ତା 23.08.1989 ରିଖର ରାୟ ଏବଂ ଆଦେଶରୁ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ବିଳମ୍ବକୁ କ୍ଷମା କରିଦିଆଯାଇଛି ।

ଆମର ମତ ହେଉଛି ଯେ, ସମୀକ୍ଷା ଆବେଦନରେ କୌଣସି ଯୋଗ୍ୟତା ନାହିଁ ।

ଅଜିତ ସିଂ II ବନାମ ପଞ୍ଜାବ ରାଜ୍ୟ, [1997] 7 SCC 209,ରେ (ପି ପି 229-230 ରେ)1963 ରୁ ଆରମ୍ଭ ହୋଇଥିବା ପୂର୍ବ ରାୟ ଉପରେ ନିର୍ଭର କରି, ଏହା କୁହାଯାଇଥିଲା ଯେ, ଧାରା 16 (4) କେବଳ ଏକ ସକ୍ଷମ ବ୍ୟବସ୍ଥା ଥିଲା ଏବଂ କୌଣସି ସାମ୍ବିଧାନିକ କର୍ତ୍ତବ୍ୟ ଲାଗୁ କରିନଥିଲା କିମ୍ବା ସଂରକ୍ଷଣ ପାଇଁ କୌଣସି ମୌଳିକ ଅଧିକାର ପ୍ରଦାନ କରିନଥିଲା । ସମୀକ୍ଷା ଆବେଦନରେ ଇନ୍ଦିରା ସାହନୀଙ୍କ ଉପରେ ନିର୍ଭର କରି ଜୀବନ ରେଡ୍ଡୀ, ଜେ.ଙ୍କ ଦ୍ୱାରା ପୃଷ୍ଠା 691 ରେ ଥିବା ପର୍ଯ୍ୟବେକ୍ଷଣ ଉପରୋକ୍ତ ପ୍ରସଙ୍ଗ ସହିତ ଜଡ଼ିତ ନୁହେଁ । ଏହି ନ୍ୟାୟାଳୟର ଦୁଇଟି ସାମ୍ବିଧାନିକ ଖଣ୍ଡପୀଠର ରାୟ,ଗୋଟିଏ ହେଉଛି 1963 ମସିହାରେ *ଏମ୍. ଆର୍. ବାଲାଜୀ ବନାମ ମହୀଶୂର ରାଜ୍ୟ,* [1963] Supp. 1 SCR 439 ଏବଂ ଅନ୍ୟଟି 1968 ମସିହାରେ ସି.ଏ. ରାଜେନ୍ଦ୍ରନ ବନାମ ଭାରତ ସଂଘ,[1968] 1 SCR 721 ଏବଂ ପି ଆଣ୍ଡ ଟି ଅନୁସୂଚିତ ଜାତି/ଜନଜାତି କର୍ମଚାରୀ କଲ୍ୟାଣ ସଂଘ (ପଞ୍ଜୀକୃତ) ବନାମ ଭାରତ ସଂଘ, [1998] 4 SCC 147 ଏବଂ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ବନାମ ଅନୁସୂଚିତ ଜାତି /ଜନଜାତି କର୍ମଚାରୀ କଲ୍ୟାଣ ସଂଘ, [1996] 4 SCC 1191, ରେ ମଧ୍ୟ ଏହି ନ୍ୟାୟାଳୟର ଦୁଇଟି ତିନୋଟି ରାୟର ମତ ଥିଲା ଯେ, ଧାରା 16(4) କେବଳ ଏକ ସକ୍ଷମ ବ୍ୟବସ୍ଥା ଥିଲା । ଜୀବନ ରେଡ୍ଡୀ, ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ପୃଷ୍ଠା 691 ରେ ଇନ୍ଦିରା ସାହନୀଙ୍କ ମତାମତ କେଉଁଠି ବି ଭିନ୍ନ ନଥିଲା ।

ଆମକୁ ଏହା ମନେହୁଏ ଯେ, ଇନ୍ଦିରା ସାହନୀଙ୍କ ସମସ୍ତ ନଅ ଜଣ ବିଚାରପତି ସମାନ ମତ ରଖିଥିଲେ ଯେ, ଅନୁଚ୍ଛେଦ 16 (4) ମୌଳିକ ଅଧିକାର ସ୍ୱଭାବରେ ନୁହେଁ ଏବଂ ଏହା କେବଳ ଏକ ସଶକ୍ତିକରଣ ପ୍ରବଧାନ ଥିଲା । ଏହି ସମ୍ବନ୍ଧରେ, ଜୀବନ ରେଡ୍ଡୀ, ନ୍ୟାୟମୂର୍ତ୍ତି (ପୃଷ୍ଠା 667-735 ରେ)ଙ୍କ ମତକୁ ଫାଇଦା ସହିତ ସନ୍ଦର୍ଭିତ କରାଯାଇପାରେ ଯାହା ସୁବ୍ବା ରାଓ, ନ୍ୟାୟମୂର୍ତ୍ତିକୁ ଉଲ୍ଲେଖ କରିଛି ଯେ, ସାୱନ୍ତ, ନ୍ୟାୟମୂର୍ତ୍ତି (ପୃଷ୍ଠା 517, ପାରା 43 (4), ପାଣ୍ଡିଆନ ନ୍ୟାୟମୂର୍ତ୍ତି (ପୃଷ୍ଠା 407, ପାରା 168 ରେ) ଙ୍କ ଦୃଷ୍ଟିକୋଣରେ ଅନୁଚ୍ଛେଦ 16(4) ଏକ 'କ୍ଷମତା' ପ୍ରଦାନ କରୁଥିବା ଏକ ବ୍ୟବସ୍ଥା ଥିଲା ଏବଂ କେବଳ ଅନୁଚ୍ଛେଦ 16(1)କୁ ପ୍ରତିଭୂତି ଭାବରେ ଉଲ୍ଲେଖ କରିଥିଲା ଏବଂ ଅନୁଚ୍ଛେଦ 16(4) କୁ ନୁହେଁ । ଥମନ୍, ନ୍ୟାୟମୂର୍ତ୍ତି (ପୃଷ୍ଠା 449, ପାରା 284 ରେ), ସାହାଇ ନ୍ୟାୟମୂର୍ତ୍ତି (ପୃଷ୍ଠା 580 ରେ) ଯାହାଙ୍କ ସହ କୁଳଦୀପ ସିଂ, ନ୍ୟାୟମୂର୍ତ୍ତି ସହମତ ହୋଇଥିଲେ-

ସମସ୍ତେ ସ୍ପଷ୍ଟ ଭାବରେ ଦର୍ଶାଇଥିଲେ ଯେ, ଧାରା 16 (4) କେବଳ ଏକ ସଶକ୍ତିକରଣ ପ୍ରବଧାନ ଥିଲା । ତେଣୁ, ଅଧିକାଂଶ  ବିଜ୍ଞ ବିଚାରପତି ସ୍ପଷ୍ଟ ଭାବେ କହିଥିଲେ ଯେ, ଧାରା 16(4) ଏକ "ସଶକ୍ତିକରଣ ପ୍ରବଧାନ" ଥିଲା । କେବଳ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ଯୁକ୍ତିଯୁକ୍ତ ବର୍ଗୀକରଣ ଭାବରେ ସୃଷ୍ଟି କରାଯାଇଥିଲା ଏବଂ ପୃଷ୍ଠା 691 ରେ ନ୍ୟାୟସଙ୍ଗତ ଦେଖାଯାଇଥିଲା, ଏହା ଏହି ଦୃଷ୍ଟିକୋଣକୁ ବିଚ୍ୟୁତ କରେ ନାହିଁ ଯେ, ଧାରା 16 (4) କେବଳ ଏକ ସକ୍ଷମ ବ୍ୟବସ୍ଥା ଥିଲା ।

ଉପରୋକ୍ତ କାରଣଗୁଡ଼ିକ ପାଇଁ, ଆମେ ଦେଖୁଛୁ ଯେ, ଏହି ସମୀକ୍ଷା ଆବେଦନର କୌଣସି ଯୋଗ୍ୟତା ନାହିଁ ଯାହା ଖାରଜ ହୋଇଛି ।

ଆର୍. ପି.

ସମୀକ୍ଷା ଆବେଦନ ଖାରଜ ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷା ରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କାରଣ ଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ । "

**ଅନୁବାଦିକା : ଶୁଭଶ୍ରୀ ମିଶ୍ର**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ ,କଟକ**